# Akashvani, Sambalpur

## SAMBALPURI NEWS EVENING BULLETIN

## 14 March 2024- 7.02 pm- 7.12 pm.

*********************************************

୧- 'ଏକ ଦେଶ୍ ଏକ୍ ନିର୍ବାଚନ' ଲାଗି ଗଠିତ୍ ଉଚ୍ଚସ୍ତରୀୟ କମିଟି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଦେଲେ ରିପୋର୍ଟ ।
- ପହେଲା ଖେପେ ଲୋକସଭା ଆଉ ବିଧାନସଭା, ଦୁଇ ନମ୍ବର ଖେପେ ପଂଚାୟତ ଆର୍ ପୌରପରିଷଦ ନିର୍ବାଚନ କର୍ବାର ଲାଗି କରିଛନ୍ ସୁପାରିଶ୍ ।

୨- ଚାର୍ଟା ବର୍ଗର ଶ୍ରମିକମାନ୍‌କର୍ ମଜୁରୀ ବଢ଼ାଲେ ରାଜ୍ୟ ସରକାର ।

୩- ରାଜ୍ୟ ସରକାରୀ କର୍ମଚାରୀ ଆଉ ପେନ୍‌ସନ୍ ଭୋଗୀଙ୍କର ମହଙ୍ଗା ଭତା ବଢ଼୍‌ଲା ୪ ପ୍ରତିଶତ ।

ଆଉର୍

୪- ବଲାଙ୍ଗୀର-ସୋନପୁର-ଭୁବନେଶ୍ୱର ଇଂଟରସିଟି ସହେତେ ଆଉ ତିନ୍‌ଟା ଟ୍ରେନ୍ ସୋନପୁରକେ ସମ୍ପ୍ରସାରିତ ।

# ‘ଏକ୍ ଦେଶ୍ ଏକ୍ ନିର୍ବାଚନ’ ରିପୋର୍ଟ

ଆର୍‌ଏନ୍‌ୟୁ/ କଟକ

‘ଏକ୍ ଦେଶ୍ ଏକ୍ ନିର୍ବାଚନ’ ରିପୋର୍ଟ ଲାଗି ଆଘ୍ର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କର ଅଧ୍ୟକ୍ଷତାଥି ଗଠିତ ହେଇଥିବାର୍ ଉଚ୍ଚସ୍ତରୀୟ କମିଟି ଆଏଜ୍ ରାଷ୍ଟ୍ରପତି ଭବନ ନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି କରି ତାଙ୍କର ରିପୋର୍ଟ ଦେଇଛନ୍ । ଭିନ୍ ଭିନ୍ ଅଂଶୀଦାରଙ୍କର ସଙ୍ଗେ ଆଲୋଚନା ଉତ୍‌ରୁ ଉଚ୍ଚସ୍ତରୀୟ କମିଟି ୧୮ ହଜାର ୬ଶହ ୨୬ ପୃଷ୍ଠାର ରିପୋର୍ଟ ରାଷ୍ଟ୍ରପତିଙ୍କୁ ଦେଇଥିବା ସରକାରୀ ସୂତ୍ରନୁ ଜନାପଡ଼ିଛେ ।

ଇନ ଜନେଇ ଦିଆଯାଇ ପାରେ ଯେ, ଗଲା ସେପ୍ଟେମ୍ବର ମାସ ୨ ତାରିଖ୍ ଦିନ ଏକ୍ ଦେଶ୍ ଏକ୍ ନିର୍ବାଚନ କର୍‌ବାର୍ ଲାଗି ଆଘର୍ ରାଷ୍ଟ୍ରପତି ଶ୍ରୀ କୋବିନ୍ଦଙ୍କର ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା ।

ସୂଚନା ଅନ୍‌ସାରେ ୧୯୧ ଦିନ୍ ଭିତ୍‌ରେ ଉଚ୍ଚସ୍ତରୀୟ କମିଟି ଭିନ୍ ଭିନ୍ ଅଂଶୀଦାର ଦଳଙ୍କର ସାଙ୍ଗେ ଏକ୍ ଦେଶ୍ ଏକ୍ ନିର୍ବାଚନ୍ ବାବ୍‌ଦେ ଆଲୋଚନା କରି କରି ୪୭ଟା ରାଜନୀତି ଦଲ ଇ ବାବ୍‌ଦେ ସେମାନ୍‌କର ମତାମତ ଦେଇଥିଲେ ।

ସେମାନ୍କର୍ ଭିତ୍ରୁ ୩୨ଟା ରାଜନୀତିକ ଦଳ ଏକ୍ ଦେଶ୍ ଏକ୍ ନିର୍ବାଚନ୍ ସପକ୍ଷଥି ମତ୍ ଦେଇଥିବାର ଜନାପଡ଼ିଛେ ।
ସେନ୍ତା ଦେଶର୍ ଭିନ୍ ଭିନ୍ ଜାଗାନୁ ୨୧ ହଜାର ୫ଶହ ୫୮ଟା ମତାମତ ସଂଗ୍ରହ କରାଯାଇଥିଲା । ସେମାନ୍କର୍ ଭିତ୍ରୁ ୮୦ ପ୍ରତିଶତ ଏକ୍ ଦେଶ୍ ଏକ୍ ନିର୍ବାଚନ ସପକ୍ଷଥି ମତ୍ ଦେଇଥିଲେ । ତଥ୍ୟ ଆଧାରଥି ଏକ୍ ଦେଶ୍ ଏକ୍ ନିର୍ବାଚନ ଗଠିତ ଉଚ୍ଚସ୍ତରୀୟ କମିଟି ଦେଶେ ଦୁଇ ସ୍ତରୀୟ ନିର୍ବାଚନ ଲାଗି ରିପୋର୍ଟଥି କହିଛନ୍ । ପହେଲା ପଦକ୍ଷେପ ହିସାବେ ଲୋକସଭା ଆଉ ରାଜ୍ୟ ବିଧାନସଭା ନିର୍ବାଚନ କରାଯିବାର୍ ଲାଗି କମିଟି ସୁପାରିଶ୍ କରିଥିବାର୍ ବେଲେ ୨ ନମ୍ବରଥି ପଂଚାୟତ ଆଉ ପୌରପରିଷଦ ନିର୍ବାଚନ କର୍ବାର୍ ଲାଗି ମତ ଦେଇଛନ୍ । ଲୋକ୍ସଭା ଆଉ ରାଜ୍ୟ ବିଧାନସଭା ନିର୍ବାଚନ ଶେଷ୍ ହେବାର୍ ୧୦୦ ଦିନ ଭିତ୍ରେ ପଂଚାୟତ ଆଉ ପୌରପରିଷଦ ନିର୍ବାଚନ କରାବାର୍ ଲାଗି ଉଚ୍ଚସ୍ତରୀୟ କମିଟି ସୁପାରିଶ୍ କରିଛେ ।

ଶ୍ରମିକ ସର୍ବନିମ୍ନ ମଜୁରୀ ବୃଦ୍ଧି ଆର୍ଏନ୍ୟୁ/ସମ୍ବଲପୁର

ରାଜ୍ୟ ସରକାର ଆଏଜ୍ ୪ଟାବର୍ଗର ଶ୍ରମିକଙ୍କର ଲାଗି ସର୍ବନିମ୍ନ ମଜୁରୀ ବଢ଼େଇଛନ୍ । ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଆଉ ଉଚ୍ଚକୁଶଳୀ ଶ୍ରମିକଙ୍କର ଦୈନିକ୍ ମଜୁରୀଥି ବଢ଼୍ତି ନେଇ ରାଜ୍ୟ ସରକାର ଘୋଷଣା କରିଛନ୍ ।

ସୂଚନା ଅନ୍‌ସାରେ ଅଣକୁଶଳୀ ଶ୍ରମିକମାନ୍‌କର୍ ମଜୁରୀ ତିନ୍ ଶହ ୫୨ ଟଙ୍କାନୁ ୪୫୦ ଟଙ୍କାକେ ବଢ଼ା ଯାଇଛେ । ସେନ୍‌ତା ଅର୍ଦ୍ଧକୁଶଳୀ ଶ୍ରମିକମାନ୍‌କର୍ ମଜୁରୀ ୩୯୨ ଟଙ୍କା ନୁ ୫ଶହ ଟଙ୍କାକେ, କୁଶଳୀ ଶ୍ରମିକମାନ୍‌କର୍ ମଜୁରୀ ୪୪୨ ଟଙ୍କାନୁ ୫୫୦ ଟଙ୍କାକେ ଆଉ ଅତି କୁଶଳୀ ଶ୍ରମିକମାନ୍‌କର କ୍ଷେତ୍ର ନ ସର୍ବନିମ୍ନ ମଜୁରୀ ୫ଶହ ୨ ଟଙ୍କାନୁ ୬ଶହ ଟଙ୍କାକେ ବଢ଼ା ଯାଇଛେ । ଇ ନିଷ୍ପତି ଲାଗି ରାଜ୍ୟର ସରକାରୀ ଆଉ ବେସରକାରୀ କ୍ଷେତ୍ର ନ କାମ୍ କରୁଥିବା ଲାଖ୍ ଲାଖ୍ ଶ୍ରମିକ ଲାଭ୍ ପାଏବେ ।

## ରାଜ୍ୟ ସରକାରୀ କର୍ମଚାରୀ ମହଙ୍ଗା ଭତା  ବୃଦ୍ଧି

ପ୍ରେସ୍‌ରିଲିଜ୍

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସରକାରୀ କର୍ମଚାରୀ ଆଉ ପେନ୍‌ସନ୍ ରୋଗୀଙ୍କ ମହଙ୍ଗା ଭତା  ଚାର୍ ପ୍ରତିଶତ ବଢ଼େଇଛନ୍ । ଇଥିର ଲାଗି ମହଙ୍ଗା ଭତା ୪୬ ପ୍ରତିଶତନୁ ବଢ଼ି କରି ୫୦ ପ୍ରତିଶତ ହେଇଛେ । ଇ ବଢ଼୍‌ତି ମହଙ୍ଗା ଭତା ଜାନୁୟାରୀ ପହିଲା ନୁ ପିଛ୍‌ଲା ଭାବେ ଲାଗୁ କରାଯାଇଛେ । ଇଥି ୪ ଲକ୍ଷ ୫୦ ହଜାର ରାଜ୍ୟ ସରକାରୀ କର୍ମଚାରୀ ଆଉ ୩ ଲକ୍ଷ ୫୦ ହଜାର ପେନ୍‌ସନ୍ ଭୋଗୀ ଲାଭ୍ ପାଏବେ ।

## ନିଶାମୁକ୍ତି ସଚେତନତା ଅଭିଯାନ                    ପ୍ରେସ୍ ରିଲିଜ୍

ରାଏଜେ ନିଶାମୁକ୍ତି ସଚେତନତା ଅଭିଯାନକେ ବ୍ୟାପକ୍ କର୍‌ବାର୍ ଲାଗି ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଭିନ୍ ଭିନ୍ ଆଧ୍ୟାତ୍ମିକ ଆଉ ସ୍ୱେଚ୍ଛାସେବୀ ସଂଗଠନର ସହଯୋଗ ନେବା । ଇଥିର୍ ଲାଗି ୧୯ଟା ସଂଗଠନ ସହମତ ଦେଇଛନ୍ । ଇ ବାବ୍‌ଦେ ସଂଗଠନମାନ୍‌କର୍ ସାଙ୍ଗେ ବିଭାଗ୍ ତର୍‌ଫୁ ଅଣ ଆର୍ଥିକ ବୁଝାମଣାପତ୍ର ସ୍ୱାକ୍ଷରିତ ହେଇଛେ । ଭୁବନେଶ୍ୱର ନ ଥିବା ଭିନ୍ନକ୍ଷମ ପୁନଃ ଥଇଥାନ ପ୍ରତିଷ୍ଠାନ ହେଇଥିବା ଗୁଟେ ବୈଠକ୍‌ଥି ଭିନ୍ ଭିନ୍ ସଂଗଠନର ପ୍ରତିନିଧି ଆଉ ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅଧିକାରୀମାନ ଯୋଗ ଦେଇ କରି ନିଶାମୁକ୍ତି ସଚେତନତା ଅଭିଯାନକେ ବର୍‌କସ୍ କର୍‌ବାର୍ ଲାଗି ଆଲୋଚନା କରିଥିଲେ ।

## ସ୍କୁଲ ଏନାର୍ଜୀ କ୍ଲବ୍                    ଆର୍‌ଏନ୍‌ୟୁ / ସମ୍ବଲପୁର

ଶକ୍ତିସଂରକ୍ଷଣ ଆଉ ପରିବେଶ ପ୍ରଦୂଷଣକେ ରୁକ୍‌ବାର୍ ଲାଗି ଭିନ୍ ଭିନ୍ ସ୍କୁଲ ନ ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମଥି ଇ ବଛର୍ ଆହୁରି ୮ ହଜାର ୬ଶହ ଅଣାଅଶୀ ଟା ହାଇସ୍କୁଲ ନ ଏନର୍ଜି କ୍ଲବ୍ କରାଯିବାକେ ପ୍ରକ୍ରିୟା ମୂଲ୍ କରାଯାଇଛେ । ଇ ବାବ୍‌ଦେ ରାଜ୍ୟ ସରକାରଙ୍କର ଜଙ୍ଗଲ ପରିବେଶ ଆଉ ଜଳବାୟୁ ପରିବର୍ତ୍ତନ

ବିଭାଗ ତରଫୁ ଜିଲ୍ଲା ମୁଖ୍ୟ ଶିକ୍ଷାଧିକାରୀମାନ୍‌କୁ ଚିଠି ଲେଖାଯାଇଛେ ।

ବଲାଙ୍ଗିର ଇଂଟରସିଟି ଏକ୍ସପ୍ରେସ୍ ଟ୍ରେନ୍  ଆର୍‌ଏନ୍‌ୟୁ/ କଟକ

ବଲାଙ୍ଗୀର ଆଡୁ ସୋନପୁର ତକ୍ ଟ୍ରେନ୍ ଲାଇନ୍ କାର୍ଯ୍ୟକ୍ଷମ ହେବାର୍‌ନୁ ଲାଗି ଭୁବନେଶ୍ୱର-ବଲାଙ୍ଗିର, ବଲାଙ୍ଗିର-ଭୁବନେଶ୍ୱର ଇଂଟରସିଟି ଏକ୍ସପ୍ରେସ୍ ସହେତେ ଦୁଇ ଯୁଡ଼ା ବଲାଙ୍ଗିର-ବିଛୁପାଲି ପେସେଞ୍ଜର ଟ୍ରେନ୍‌କେ ସୋନପୁର ତକ୍ ସଂପ୍ରସାରଣ୍ କର୍‌ବାର୍ ଲାଗି ପୂର୍ବତଟ ରେଳବାଇ ତରଫୁ ନିଷ୍ପତି ନିଆଯାଇଛେ । ଭୁବନେଶ୍ୱର-ବଲାଙ୍ଗିର-ଭୁବନେଶ୍ୱର ଇଂଟରସିଟି ଏକ୍ସପ୍ରେସ୍ ଟ୍ରେନ୍‌କେ ଦୁହି ଆଡୁ ସୋନପୁର ତକ୍ ସଂପ୍ରସାରଣ କରାଯାଇଛେ । ପୂର୍ବତଟ ରେଳବାଇ ସୂଚନା ଅନ୍‌ସାରେ ଆଏଜ୍‌ନୁ ଠାନୁ ଦିନର୍ ୧ ବଜେ ଇଂଟରସିଟି ଏକ୍ସପ୍ରେସ୍ ଟ୍ରେନ୍ ସୋନପୁରନୁ ଯାତ୍ରା ମୂଲ୍ କରିଛେ । ଇ ଟ୍ରେନ୍ ରାତିର୍ ୯ ବାଜି କରି ୪୫ ମିନିଟ୍‌ଥି ଭୁବନେଶ୍ୱର ନ ପୁହୁଁଚିବା । ସେନ୍‌ତା ଆଏବା କାଏଲ୍‌ନୁ ଭୁବନେଶ୍ୱରନୁ ଟ୍ରେନ୍ ସୋନପୁର ଆଡ଼େ ବାହାର୍‌ବା । ଭୁବନେଶ୍ୱର ଆଉ ବଲାଙ୍ଗିର ଭିତ୍‌ରେ ଇ ଟ୍ରେନ୍‌ର ରହଣି ଆଉ ସମିଆଥି କିଛି ବଦଲା ନାଇ ଯାଇ । ବଲାଙ୍ଗିର ଆର୍ ସୋନ୍‌ପୁର ଭିତ୍‌ରେ ଇ ଟ୍ରେନ୍ ବିଛୁପାଲି, ଝାର୍ ତର୍‌ଭା ଆର୍ ନରସିଂହଗଡ଼ ଷ୍ଟେସନ୍‌ନ ରହେବା ବଲି ପୂର୍ବତଟ ରେଳବାଇ ତରଫୁ କୁହାଯାଇଛେ । ସେଆଡ଼େ ବଲାଙ୍ଗିର-ବିଛୁପାଲି-ବଲାଙ୍ଗିର ପେସେଞ୍ଜର ଟ୍ରେନ୍‌କେ ଭିଲ୍ ସଂପ୍ରସାରଣ

କରାଯାଇଛେ । ଆଏବା କାଏଲ୍‌ନୁ ବଲାଙ୍ଗୀର-ସୋନପୁର-ବଲାଙ୍ଗିର ପେସେଞ୍ଜର ଚାଲ୍‌ବା । ସେହି ରାସ୍ତାଥି ସୋନପୁରନୁ ଶନିବାର ଦିନ  ଠାନୁ ବଲାଙ୍ଗିରକେ ଟ୍ରେନ୍ ଚାଲ୍‌ବା ବଲି ରେଲବାଇ ତରଫୁ କୁହାଯାଇଛେ ।

ଲାମ୍ପସ୍ କର୍ମଚାରୀ ମହଙ୍ଗା ଭତା ବୃଦ୍ଧି                    ପ୍ରେସ୍‌ରିଲିଜ୍

ରାଜ୍ୟ ସମବାୟ ବିଭାଗର ପ୍ରାଥମିକ କୃଷି ସମବାୟ ସମିତି ଆଉ ବୃହଦାକାର ବହୁମୁଖୀ ସମବାୟ ସମିତି - ଲାମ୍ପସ୍‌ନେ କାମ୍ କରୁଥିବାର କର୍ମଚାରୀମାନ୍‌କର୍ ମହଙ୍ଗା ଭତା ୬୬ ପ୍ରତିଶତ ବଢ଼ାଯାଇଛେ । ବଢ଼୍‌ବାର୍ ଉତ୍‌ରୁ ଇଟା ୨୩୦ ପ୍ରତିଶତ ହେଇଛେ ।  ଆଘୋନୁ ସେମାନେ ୧୬୪ ପ୍ରତିଶତ ମହଙ୍ଗା ଭତା ପାଉଥିଲେ । ଇ ବଢ଼୍‌ତି ମହଙ୍ଗା ଭତା ଆଏବା ମାସ ୧ ତାରିଖିନୁ ଲାଗୁ କରାଯିବା । ଇଥି ୨ ହଜାର ୭ଶହ ୧୧ଟା ସମିତିର କର୍ମଚାରୀମାନେ ଉପକୃତ  ହେବେ ବଲି ରାଜ୍ୟ ସମବାୟ ନିବନ୍ଧକଙ୍କର ତରଫୁ ବାହାରିଥିବା ନିର୍ଦ୍ଦେଶନାମାଥି କୁହାଯାଇଛେ ।

ଅଗ୍ନୀବୀର୍ ପାସିଂଆଉଟ୍ ପେରେଡ                    ପିଆଇବି

ତିନ୍ ନମ୍ବର ବେଚ୍ ଅଗ୍ନୀବୀର୍ ମାନ୍‌କର୍ ପାସିଂଆଉଟ୍ ପେରେଡ୍ ଆଏବା କାଏଲ୍ ଆଇଏନ୍‌ଏସ୍ ଚିଲିକା ଠାନେ ହେବା । ଇ

ପେରେଡ୍‌ଥି ୨ ହଜାର ୬ଶହ ଅଗ୍ନୀବୀର ସାମିଲ୍ ହେବେ। ଇମାନ୍‌କର୍ ଭିତ୍‌ରେ ମହିଲା ଅଗ୍ନୀବୀର୍‌ମାନେ ଭିଲ୍ ରହିଛନ୍। ଇ ଅଗ୍ନୀବୀରମାନ୍‌କର୍ ତାଲିମ୍ ସର୍‌ବାର ଉତ୍‌ରୁ ପାସିଂଆଉଟ୍ ପେରେଡ୍ କରାଯାଉଛେ। ଇ ଉତ୍ସବଥି ନାଭାଲ ଷ୍ଟାଫ୍‌ର ମୁଖ୍ୟ ଆଡ଼୍‌ମିରାଲ ଆର୍. ହରିକୁମାର ମୁଖ୍ୟଅତିଥି ଭାବେ ଯୋଗ ଦେବେ। ଇତାର୍ ସହେତେ ଦକ୍ଷିଣ ନାଭାଲ କମାଣ୍ଡ ର ଭାଇସ୍ ଆଡ଼୍‌ମିରାଲ ଭି. ଶ୍ରୀନିବାସ୍ ଉପସ୍ଥିତ ରହେବେ। ଇ କାର୍ଯ୍ୟକ୍ରମକେ ଅଗ୍ନୀବୀର ମାନ୍‌କର୍ ପରିବାର ଲୋକ୍ ଉପସ୍ଥିତି ରହି ଦେଖି ପାରବେ। କାର୍ଯ୍ୟକ୍ରମଥି ବହୁ ବିଶିଷ୍ଟ ବ୍ୟକ୍ତି କ୍ରୀଡ଼ାବିତ୍ ଉପସ୍ଥିତ ରହି ଅଗ୍ନୀବୀର୍‌ମାନ୍‌କୁ ଉତ୍ସାହିତ କର୍‌ବେ।

## ପହେଲା ଓଡ଼ିଆ ଆଦିବାସୀ କଳାକାର ଶିବିର

ପ୍ରେସ୍ ରିଲିଜ୍

ଓଡ଼ିଶା ଲଳିତ କଳା ଏକାଡ଼େମୀ ତରଫୁ ଦୁବାଇ ନ ପହେଲା ଓଡ଼ିଆ ଆଦିବାସୀ କଳାକାର ଶିବିର ମୂଲ୍ ହେଇଛେ। ଇ ଶିବିର ତିନ୍ ଧରି ଚାଲ୍‌ବା। ଇଥି ଓଡ଼ିଶାର ୧୫ ଝନ୍ ବିଶିଷ୍ଟ ଆଦିବାସୀ କଳାକାର ସାମିଲ୍ ହେଇଛନ୍। ଆଦିବାସୀ ଚିତ୍ରକଳାର ଝଲକ୍ ଦର୍ଶକ୍‌ମାନ୍‌କର୍ ଦୃଷ୍ଟି ଆକର୍ଷଣ କରୁଛେ। କଳାକାର୍‌ମାନେ ସେମାନ୍‌କର୍ ସମୃଦ୍ଧ ଆଦିବାସୀ ଐତିହ୍ୟ ଖାସ୍ କରି ସୌରା, ସାନ୍ତାଳ, କୋଲ୍‌ହ, କନ୍ଧ ଆଉ ପର୍‌ଜା

ସମ୍ପ୍ରଦାୟର କଳା ସଂସ୍କୃତି ଉପ୍ରେ ତାଙ୍କର କଳା ନୈପୁଣ୍ୟ ଦେଖଉଛନ୍ ।
ଗଲା କାଏଲ୍ ହେଇଥିବା ଉଦ୍‌ଘାଟନୀ ଉତ୍ସବଥି ଲଳିତ କଳା ଏକାଡ଼େମୀ ସଭାପତି ଡକ୍ଟର ସୁଦର୍ଶନ ପଟ୍ଟନାୟକ ଆଉ ରାଜ୍ୟ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ ଅତିଥି ଭାବେ ଯୋଗ ଦେଇଥିଲେ ।

ନିର୍ବାଚନ ପରିଚାଳନା ତାଲିମ୍ ଶିବିର ବୌଦ୍ଧ / ସମ୍ବାଦଦାତା

ଦେବଗଡ଼ / ସମ୍ବାଦଦାତା

ବୌଦ୍ଧ ସର୍ବଶିକ୍ଷା କାର୍ଯ୍ୟାଳୟ ନ ଆଏଜ୍ ନିର୍ବାଚନ ପରିଚାଳନା ତାଲିମ୍ ଶିବିର ହେଇଯାଇଛେ । ଇଥି ପ୍ରିଜାଇଡିଂ ଅଫିସର, ସହକାରୀ ପ୍ରିଜାଇଡିଂ ଅଫିସର ଆର୍ ପୁଲିଂ ଅଫିସରମାନେ କେନ୍‌ତା ଠିକ୍ କରି ଭୋଟ୍ ଗ୍ରହଣ କାମ୍ କର୍‌ବେ ସେ ବାବ୍‌ଦେ ତାଲିମ୍ ଦିଆଯାଇଥିଲା । ଇତାର୍ ସହେତେ ସି ଭିଜିଲ୍ ଏପ୍ଲିକେସନ୍‌ର ସଠିକ୍ ଉପଯୋଗ ବାବ୍‌ଦେ ବିଶେଷଜ୍ଞମାନେ କର୍ମଚାରୀମାନ୍‌କୁ ତାଲିମ୍ ଦେଇଥିଲେ ।
ସେଆଡ଼େ ଦେବଗଡ଼ ଠାନେ ଭିଲ୍ ଜିଲ୍ଲା ପ୍ରଶାସନ ତରଫୁ ପ୍ରିଜାଇଡିଂ ଆଉ ପୁଲିଂ ଅଧିକାରୀମାନ୍‌କୁ ତାଲିମ୍ ଦେବାର କାର୍ଯ୍ୟକ୍ରମ ମୂଳ୍ କରାଯାଇଛେ । ଇ ତାଲିମ୍ କାର୍ଯ୍ୟକ୍ରମ ଆଏବା ୧୯ ତାରିଖ୍ ତକ୍ ଚାଲ୍‌ବା । ନିର୍ବାଚନ୍‌କେ ଠିକ୍ କରି ପରିଚାଳନା କର୍‌ବାର୍ ଲାଗି ଦେବଗଡ଼ ମହାବିଦ୍ୟାଳୟ ନ ତାଲିମ୍

ଦିଆଯାଉଛେ । ଜିଲ୍ଲାପାଳ ଆର୍ ଜିଲ୍ଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କର ଦେଖିରେଖିଥି ହେଉଥିବା ଇ ତାଲିମ୍ କାର୍ଯ୍ୟକ୍ରମଥି ୪ଶହ ୬ ଝନ୍ ଅଧିକାରୀ ଆଉ ପ୍ରିଜାଇଡିଂ ଅଫିସରଙ୍କୁ ତାଲିମ୍ ଦିଆଯିବା ।

ଲେପ୍‌ଟପ୍ ବଂଟନ ସୁବର୍ଣ୍ଣପୁର /ସମ୍ବାଦଦାତା

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କର କାର୍ଯ୍ୟାଳୟ ନ ଆଏଜ୍ ୫ ଝନ୍ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ କେନ୍ଦ୍ର ସରକାରଙ୍କର ଷ୍ଟାରସ୍ ପ୍ରକଳ୍ପଥି ଲାପ୍‌ଟପ୍ ସହେତେ କଥାନୀ ବହି ବଁଟା ଯାଇଛେ । ଜିଲ୍ଲାପାଳ ଅନ୍ୟା ଦାଶ ଛାତ୍ରଛାତ୍ରୀମାନ୍‌କୁ ଇ ଲେପ୍‌ଟେପ୍ ଦେଇ କରି କଠିନ ପରିଶ୍ରମ ଆଉ ନିଷ୍ଠାର ସହେତେ ପାଠ୍ ପଢ଼୍‌ବାର୍ ଲାଗି ପରାମର୍ଶ ଦେଇଥିଲେ ।

ବିଶ୍ୱ କିଡ୍‌ନୀ ଦିବସ ଆର୍‌ଏନ୍‌ୟୁ/ କଟକ

ଆଏଜ୍ ବିଶ୍ୱ କିଡ୍‌ନୀ ଦିବସ । କିଡ୍‌ନୀର ସ୍ୱାସ୍ଥ୍ୟ ଆର୍ ଇତାର୍ ସ୍ୱାଭାବିକ କାମ୍‌କେ ପ୍ରଭାବିତ୍ କରୁଥିବା ଭିନ୍ନ ଭିନ୍ ରୋଗ ବାବ୍‌ଦେ ଲୋକ ମାନ୍‌କୁ ସଚେତନ କର୍‌ବାର୍ ଲାଗି ଫି' ବଛର୍ ମାର୍ଚ୍ଚ ମାସର୍ ୨ ନମ୍ବର ଗୁରୁବାର ଦିନ ଇ ଦିବସ ପାଲନ୍ କରାଯାଏସି । ଇ ବଛରର୍ ଇ ଦିବସର ବାର୍ତା ହେଉଛେ 'କିଡ଼୍‌ନୀ ସ୍ୱାସ୍ଥ୍ୟ ଆଉ ଇତାର୍ ଯତ୍ନ' । କିଡ୍‌ନୀ ହେଉଛେ ଶରୀର ଗୁଟେ

ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଯେନ୍‌ଟା ଶରୀର ନ ବିଷାକ୍ତ ଜିନିଷ୍ ବାହାର୍ କରି ଇତାକେ ସୁସ୍ଥ ରଖ୍‌ବାର୍‌କେ ସାହାଯ୍ କର୍‌ସି । କିଡ୍‌ନୀ ରୋଗ୍‌ଥି ଗୋଡ଼୍ ଫୁଲ୍‌ବାର୍, ଉଚ୍ଚରକ୍ତଚାପ୍, କମ୍ ହିମୋଗ୍ଲୋବିନ୍ ଆଉ ହାର୍ଟ ଦୁର୍ବଲ ହେବାର୍ ବାଗିର୍ ଲକ୍ଷଣ ଦେଖାଯାଏସି । କିଡ଼ନୀ ରୋଗ୍‌ନୁ ରକ୍ଷା ପାଏବାର୍ ଲାଗି ନିୟମିତ ଶାରୀରିକ ବ୍ୟାୟାମ, ସନ୍ତୁଳିତ ଆହାର, ଓଜନ ନିୟନ୍ତ୍ରଣ ଆଉ କମ୍ ନୁନ୍ ଖାଏବାର୍ ଉପ୍‌ରେ ଜୋର୍ ଦିଆଯିବା ଜରୁରୀ ଆଏ ।